


# ଟଙ୍କା ପଇସାର କାରବାର

ବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ ହେବ । ସ୍ୱାଧୀନତା ଦିବସରେ କ'ଣ କ'ଣ କରାଯିବ ଶିକ୍ଷକ ଓ ପିଲାମାନେ ବସି ସ୍ଥିର କଲେ । ସ୍ଥିର ହେଲା– ସ୍ୱାଧୀନତା ଦିବସ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତା ହେବ ଓ ସ୍ୱାଧୀନତା ଦିବସ ଦିନ ପୁରସ୍କାର ଦିଆଯିବ । ଆଉ ମଧ୍ୟ ସ୍ଥିର ହେଲା ସେଦିନ ଭୋଜି କରାଯିବ ।

ଏବେ, ସ୍ୱାଧୀନତା ଦିବସ ପାଳନ ଓ ଭୋଜି ପାଇଁ କ'ଣ କ'ଣ ଜିନିଷ ଆବଶ୍ୟକ ତା'ର ତାଲିକା ପ୍ରସ୍ତୁତ କର ।



| ସ୍ୱାଧୀନତା ଦିବସ ପାଳନ ପାଇଁ କ'ଣ କ'ଣ ଜିନିଷ ? | ଭୋଜି ପାଇଁ କ'ଣ କ'ଣ ଜିନିଷ ଆବଶ୍ୟକ ? |
| --- | --- |
| | |

ପିଲାମାନେ ସେମାନଙ୍କ ମଧ୍ୟରେ ଦାୟିତ୍ୱ ବାଣ୍ଟି ନେଇଛନ୍ତି । ଗୋଟିଏ ଦଳରେ ରହିମ୍‌ର ନେତୃତ୍ୱରେ କିଛି ପିଲା ବଜାରକୁ ସଉଦା କିଣିବାକୁ ଯାଇଛନ୍ତି । ପିଲାମାନେ କିଣିଥିବା ଜିନିଷର ହିସାବ ରହିମ୍‌କୁ ଦେଲେ ।

୧. ଶୁଭଶ୍ରୀ କିଣିଥିବା ଜିନିଷ –

| ଜିନିଷର ନାମ | ପରିମାଣ | ଦାମ୍ |
|---|---|---|
| ଲେମ୍ବୁ | ୫୦ ଟି | ଟ ୫୦.୦୦ |
| ଫୁଲ | ୨ ମାଳ | ଟ ୪୮.୦୦ |
| କଦଳୀ | ୨ଡଜନ | ଟ ୩୨.୦୦ |
| ନଡ଼ିଆ | ୭ ଟି | ଟ ୫୯.୫୦ |
| | ମୋଟ | ଟ ୧୮୯.୫୦ |

ସେ ରହିମ୍ ପାଖରୁ ୨୦୦ ଟଙ୍କା ନେଇଥିବାରୁ ଆଉ ଅବଶିଷ୍ଟ କେତେ ଫେରାଇବ ରହିମ୍ ହିସାବ କରି କହିଲା –

ରହିମ୍ ପାଖରୁ ନେଇଥିଲା ଟ ୨୦୦.୦୦
ମୋଟ୍ ଖର୍ଚ୍ଚର ପରିମାଣ – ଟ ୧୮୯.୫୦
ବଳକା ଟଙ୍କା ଟ ୧୦.୫୦

୨. ବୁଲ୍‌ବୁଲ୍ କିଣିଥିବା ଜିନିଷ

| ଜିନିଷର ନାମ | ପରିମାଣ | ଦାମ୍ |
|---|---|---|
| ଆଳୁ | ୧୫ କି.ଗ୍ରା. | ଟ ୧୦୫.୦୦ |
| ହରଡ ଡାଲି | ୪ କି.ଗ୍ରା. | ଟ ୨୮୮.୦୦ |
| ଚିନି | ୩୦ କି.ଗ୍ରା. | ଟ ୯୬୦.୦୦ |
| | ମୋଟ | ଟ ୧୩୫୩.୦୦ |

ରହିମ ପଚାରିଲା- ''ଚିନି ୧ କି.ଗ୍ରା. କୁ କେତେ ଦରରେ କିଣିଲ ?'' ବୁଲ୍‌ବୁଲ୍ କାଗଜ ଖୋଲି ନିମ୍ନ ମତେ ହିସାବ କରି କହିଲା

୩୦ କିଲୋଗ୍ରାମ୍ ଚିନିର ଦାମ ଟ ୯୬୦.୦୦

୧ କିଲୋଗ୍ରାମ୍ ଚିନିର ଦାମ୍ କିପରି ଜଣାପଡ଼ିବ ?

```
        ୩୨.୦୦
୩୦ ) ୯୬୦.୦୦
      ୯୦
      ---
       ୬୦
       ୬୦
      ---
        ୦.୦
        ୦ ୦
      ---
          ୦୦
          ୦୦
      ---
           ୦
```

ଅର୍ଥାତ୍, ୧କିଲୋଗ୍ରାମ୍ ଚିନିର ଦାମ୍ ଟ ୩୨.୦୦ ।

୧. ଖାଲିସ୍ଥାନରେ କେତେ ଲେଖାହେବ ?

| | | | |
|---|---|---|---|
| କଦଳୀ ୧ ଡଜନର ଦାମ୍ କେତେ ? | | ୫ ଡଜନର ଦାମ୍ କେତେ ? | |
| ଗୋଟିଏ ଫୁଲ ମାଳର ଦାମ୍ କେତେ ? | | ୩ଟି ମାଳର ଦାମ୍ କେତେ ? | |
| ନଡ଼ିଆ ୧ ଗୋଟିର ଦାମ୍ କେତେ ? | | ୫ ଟି ନଡ଼ିଆର ଦାମ୍ କେତେ ? | |
| ଆଳୁ ୧ କି:ଗ୍ରା:ର ଦାମ୍ କେତେ ? | | ଆଳୁ ୨ କି:ଗ୍ରା:ର ଦାମ୍ କେତେ ? | |
| ହରଡ଼ ଡାଲି ୧ କି:ଗ୍ରା:ର ଦାମ୍ କେତେ ? | | ଡାଲି ୨ କିଗ୍ରା.ର ଦାମ୍ କେତେ ? | |

ଏହିପରି ଆମେ କେତେକ ଜିନିଷର ଦର ନେଇ ସେଥିରୁ କେତେକ ପ୍ରଶ୍ନ କରିବା ।

ଯେପରି, ବିଲାତି ବାଇଗଣ କି.ଗ୍ରା. ପ୍ରତି ୨୫ ଟଙ୍କା ହେଲେ, ୫ କି.ଗ୍ରା ବିଲାତିବାଇଗଣ ଦାମ୍ କେତେ ?

ତୁମେ ସେହିପରି ଆଉ ପାଞ୍ଚଟି ପ୍ରଶ୍ନ ତିଆରି କର ।

ଶିକ୍ଷକ କହିଲେ- ''ବିଭିନ୍ନ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ପିଲାଙ୍କୁ ଓ ଯେଉଁମାନେ ଭଲ କାମ କରୁଛନ୍ତି ସେମାନଙ୍କୁ ବହି, ଖାତା, ପେନ୍‌ସିଲ ଓ କଲମ ପୁରସ୍କାର ଦିଆଯିବ । ପିଲାମାନେ ଏଗୁଡ଼ିକୁ କିଣିବା ପାଇଁ ଦୋକାନକୁ ଗଲେ । ଦୋକାନୀ ଜିନିଷଗୁଡ଼ିକ ଓ ଏହାର ଚିଠା ପିଲାମାନଙ୍କୁ ଦେଲେ ।

| ବନଜା ଭେରାଇଟି ଷ୍ଟୋର, ଅଲେଖପୁର | | | | ଚିଠା ନମ୍ବର- ୬୭୩ |
|---|---|---|---|---|
| କ୍ରେତାଙ୍କ ନାମ : କମଳ ରାଉତ | | | | ତାରିଖ : ୧୪. ୮.୨୦୧୦ |
| କ୍ର.ନ. | ଜିନିଷର ନାମ | ପରିମାଣ | ରେଟ୍ ବା ଦର | ଦାମ୍ |
| ୧. | ଖାତା | ୮ | ଟ ୨୬.୨୫ | ଟ ୨୧୦.୦୦ |
| ୨. | ବହି | ୧୫ | ଟ ୩୯.୮୫ | ଟ ୫୯୭.୭୫ |
| ୩. | କଲମ | ୯ | ଟ ୩୫.୮୫ | ଟ ୩୨୨.୬୫ |
| ୪. | ପେନ୍‌ସିଲ୍ | ୧୨ | ଟ ୨.୯୫ | ଟ ୩୫.୪୦ |
| (ଏକ ହଜାର ଏକଶହ ପଞ୍ଚଷଠି ଟଙ୍କା ଅଶୀ ପଇସା ମାତ୍ର) | | | | ଟ ୧୧୬୫.୮୦ |

ବିକ୍ରେତାଙ୍କ ଦସ୍ତଖତ

ପିଲାମାନେ ଜିନିଷ ଓ ଚିଠା ଆଣି ଶିକ୍ଷକଙ୍କୁ ଦେଲେ । ଶିକ୍ଷକ ପଚାରିଲେ ଚିଠାଟି ଅଛି କି ନାହିଁ ?

ଜିନିଷ କିଣିଲେ ବିଲ୍ ଆଣିବା ଦରକାର ହୁଏ କାହିଁକି ?



**ଆମେ ଜାଣିଛେ,**

- ଟଙ୍କାକୁ ପଇସାରେ ପରିଣତ କରିବାକୁ ହେଲେ ଆମେ ଟଙ୍କା ପରିମାଣରେ ୧୦୦ ଗୁଣନ କରିବା ବା ଟଙ୍କାର ପରିମାଣର ଡାହାଣ ପଟେ ଦୁଇଟି ଶୂନ ଲେଖିବା ।
- ପଇସାକୁ ଟଙ୍କାରେ ପରିଣତ କରିବାକୁ ହେଲେ ସଂଖ୍ୟାର ଡାହାଣପଟୁ ଦୁଇଟି ଅଙ୍କ ଛାଡି ବିନ୍ଦୁ (.) ଦିଆଯିବ ।

ରମେଶ – '' ଗୋଟିଏ ଖାତାର ଦାମ୍ ଟ ୨୬.୨୫ ହେଲେ ୮ଟି ଖାତାର ଦାମ୍ କେତେ ?''

ଶିକ୍ଷକ – ''ଏହା ଦୁଇଟି ପ୍ରଣାଳୀରେ ହୋଇ ପାରିବ । ସେଗୁଡ଼ିକ ଲକ୍ଷ୍ୟ କର ।''

| ପ୍ରଥମ ପ୍ରଣାଳୀ | ଦ୍ୱିତୀୟ ପ୍ରଣାଳୀ |
|---|---|
| ଗୋଟିଏ ଖାତାର ଦାମ୍ = ଟ ୨୬.୨୫<br>୮ଟି ଖାତାର ଦାମ୍ = ଟ ୨୬.୨୫<br>X ୮<br>ଟ ୨୧୦.୦୦<br>∴ ୮ଟି ଖାତାର ଦାମ୍ ଟ ୨୧୦.୦୦ । | ଗୋଟିଏ ଖାତାର ଦାମ୍ = ଟ ୨୬.୨୫<br>ବା ୨୬୨୫ ପଇସା<br>୮ଟି ଖାତାର ଦାମ୍ = ୨୬୨୫<br>X ୮<br>୨୧୦୦୦ ପଇସା<br>୨୧୦୦୦ ପଇସା ବା ଟ ୨୧୦.୦୦<br>∴ ୮ଟି ଖାତାର ଦାମ୍ ଟ ୨୧୦.୦୦ |

ଦୁଇଟି ପ୍ରଣାଳୀ ମଧ୍ୟରୁ କେଉଁ ପ୍ରଣାଳୀଟି ତୁମକୁ ସୁବିଧା ହେଉଛି କହ ।



ଗୋଟିଏ ବହିର ଦାମ୍ ଟ ୩୯.୮୫ ହେଲେ, ୧୫ଟି ବହିର ଦାମ୍ କେତେ ?

| ପ୍ରଥମ ପ୍ରଣାଳୀ | ଦ୍ୱିତୀୟ ପ୍ରଣାଳୀ |
|---|---|
| ଗୋଟିଏ ବହିର ଦାମ୍ = ଟ ୩୯.୮୫<br>୧୫ଟି ବହିର ଦାମ୍ = ଟ ୩୯.୮୫<br>X ୧୫<br>________<br>∴ ୧୫ଟି ବହିର ଦାମ୍ ________ | ଗୋଟିଏ ବହିର ଦାମ୍ = ଟ ୩୯.୮୫<br>ବା ________ ପଇସା<br>୧୫ଟି ବହିର ଦାମ୍ =<br>∴ ୧୫ଟି ବହିର ଦାମ୍ ________ |

ରବିନ- "୯ଟି କଲମର ଦାମ୍ ଟ ୩୨୨.୬୫ ହେଲେ, ଗୋଟିଏ କଲମର ଦାମ୍ କେତେ ?"
ଶିକ୍ଷକ - "ତଳେ ଦୁଇଟି ପ୍ରଣାଳୀରେ ଏହାର ସମାଧାନ ହୋଇଛି ଲକ୍ଷ୍ୟ କର ।"

| ପ୍ରଥମ ପ୍ରଣାଳୀ | ଦ୍ୱିତୀୟ ପ୍ରଣାଳୀ |
|---|---|
| ୯ଟି କଲମର ଦାମ୍ ଟ ୩୨୨.୬୫<br>୧ଟି କଲମର ଦାମ୍ = ଟ ୩୨୨.୬୫ ÷ ୯<br>୩୫.୮୫<br>୯ ) ଟ. ୩୨୨.୬୫ପଇସା<br>- ୨୭<br>୫୨<br>- ୪୫<br>୭୬<br>- ୭୨<br>୪୫<br>- ୪୫<br>୦<br>∴ ଗୋଟିଏ କଲମର ଦାମ୍ ଟ ୩୫.୮୫ | ୯ଟି କଲମର ଦାମ୍ = ଟ ୩୨୨.୬୫<br>ବା ୩୨୨୬୫ ପଇସା<br>୧ଟି କଲମର ଦାମ୍ = ୩୨୨୬୫÷୯ ପଇସା<br>୩୫୮୫<br>୯ ) ୩୨୨୬୫<br>-୨୭<br>୫୨<br>- ୪୫<br>୭୬<br>- ୭୨<br>୪୫<br>- ୪୫<br>୦<br>୧ଟି କଲମର ଦାମ୍ ୩୫୮୫ ପଇସା ବା ଟ ୩୫.୮୫<br>∴ ଗୋଟିଏ କଲମର ଦାମ୍ ଟ ୩୫.୮୫ |

କେଉଁ ପ୍ରଣାଳୀଟି ତୁମକୁ ସୁବିଧା ହେଉଛି ଲେଖ ।

୧୨ ଟି ପେନ୍‌ସିଲ୍ ଥିବା ଗୋଟିଏ ପେନ୍‌ସିଲ ଡବାର ଦାମ୍ ଟ ୩୨.୪୦ ହେଲେ ଗୋଟିଏ ପେନ୍‌ସିଲର ଦାମ୍ କେତେ ? (ଉଭୟ ପ୍ରଣାଳୀରେ ସମାଧାନ କର)

## ଅଭ୍ୟାସ

୧. ଲୁଲୁ ଗୋଟିଏ ବହି କିଣିବା ପରେ ଦୋକାନୀଙ୍କୁ ୧୦୦ଟଙ୍କା ଦେଇ ଟ ୪୫.୨୫ ଫେରି ପାଇଲେ । ସେ ବହିଟିର ଦାମ୍ କେତେ ?

୨. ସିପା ଗୋଟିଏ ଟୋପି ଟ ୫୨.୭୫, ଗୋଟିଏ ଜୋତା ଟ ୨୭୫.୫୦ ଓ ଗୋଟିଏ ବଲ୍ ଟ ୨୫.୦୦ରେ କିଣି ଦୋକାନୀଙ୍କୁ ଏକ ୧୦୦୦ ଟଙ୍କିଆ ନୋଟ୍ ଦେଲେ । ଦୋକାନୀ ତାଙ୍କୁ କେତେ ଟଙ୍କା ଫେରାଇବେ ।

ଟୋପିର ଦାମ୍ = ଟ ....................

ଜୋତାର ଦାମ୍ = ଟ ....................

ବଲ୍‌ର ଦାମ୍ = ଟ ....................


ମୋଟ ଦାମ୍ = ଟ ....................

ସିପା ଦୋକାନୀକୁ ଦେଲା = ଟ ....................

ଦୋକାନୀ ସିପାକୁ ଫେରାଇବ = ଟ ....................



୩. ତଳେ ଦିଆଯାଇଥିବା ଜିନିଷଗୁଡ଼ିକର ଦାମ୍‌କୁ ଲକ୍ଷ୍ୟ କର ।




କ) ଟିକାରାମ ପ୍ରତ୍ୟେକ ଜିନିଷରୁ ଦୁଇଟି ଲେଖାଏଁ କିଣିବା ପାଇଁ ତା'ବାପାଙ୍କଠାରୁ ଟ ୫୦୦.୦୦ ଆଣିଛି । ସେ ଜିନିଷ କିଣିସାରି ବାପାଙ୍କୁ କେତେ ଫେରାଇବ ?

ଖ) ସୁନାମଣୀ ୩ଟି ଖାତା, ୨ଟି କଲମ ଓ ଗୋଟିଏ ଜ୍ୟାମିତି ବାକ୍ସ କିଣି ଦୋକାନୀକୁ କେତେ ଟଙ୍କା ଦେବ ?

୪. ଟ ୫୯୫.୦୦ ପୁରସ୍କାର ରାଶିକୁ ସମାନ ଭାବେ ୫ଜଣଙ୍କ ମଧ୍ୟରେ ବାଣ୍ଟିଲେ । ପ୍ରତ୍ୟେକ ବ୍ୟକ୍ତି କେତେ ଲେଖାଏଁ ପାଇବେ ?

୫. ଗୋଟିଏ ଘର କାମରେ ଦିନେ ଘର ମାଲିକ ୯ଜଣ ଶ୍ରମିକ ବାବଦରେ ଟ ୮୫୯.୫୦ ଖର୍ଚ୍ଚ କରିଥିଲେ । ତେବେ ଜଣେ ଶ୍ରମିକ ବାବଦରେ ସେ କେତେ ଖର୍ଚ୍ଚ କରିଥିଲେ ?

୬. ତଳେ ଦିଆଯାଇଥିବା ଚିଠାଟିକୁ ଦେଖ ଯେଉଁଠାରେ ଭୁଲ ଅଛି ସେଠାରେ ଗୋଲ ବୁଲାଅ ଓ ଠିକ୍ କରି ଗୋଟିଏ ନୂଆ ଚିଠା ତିଆରି କର।

| ନଂ - ୧୫ | | ତେଜରାତି ଦୋକାନ | | ତା. ୧୪.୦୫.୨୦୧୧ |
|---|---|---|---|---|
| କ୍ର.ନଂ. | ଜିନିଷର ନାମ | ପରିମାଣ | ଦର | ଦାମ୍ |
| ୧ | ଚାଉଳ | ୨ କି:ଗ୍ରା: | ୧୪ଟଙ୍କା | ଟ.୪୨.୦୦ |
| ୨ | ଡାଲି | ୨ କି:ଗ୍ରା: | ଟ.୬୫.୦୦ | ଟ. ୬୫.୦୦ |
| ୩ | ସାବୁନ | ୨ଟା | ଟ.୧୧.୫୦ | ଟ. ୨୨.୫୦ |
| ୪ | ବିସ୍କୁଟ | ୨ ପ୍ୟାକେଟ୍ | ଟ.୨୪.୦୦ | ଟ. ୪୮.୦୦ |
| ଏକ ଶହ ସତସ୍ତରି ଟଙ୍କା ପଚାଶ ପଇସା ମାତ୍ର | | | ମୋଟ | ଟ. ୧୭୭.୫୦ |

ବିକ୍ରେତାଙ୍କ ସ୍ୱାକ୍ଷର

- ତୁମ ଶ୍ରେଣୀର ସମସ୍ତ ପିଲାଙ୍କର ଚିଠା ସମାନ ହୋଇଛି କି ? ସମାନ ନ ହେବାର କାରଣ କ'ଣ ଲେଖ।

**ଖର୍ଚ୍ଚର ହିସାବ ରଖିବା**
**ମୀତବ୍ୟୟୀ ହେବା**

୧୧ଜୁନ୍, ୨୦୧୧

ମୋ ପାଖରେ ଥିଲା – ୨୦୦ ଟଙ୍କା

ମୋର ଆଜିର ଖର୍ଚ୍ଚ

| | | |
|---|---|---|
| ବ୍ରସ୍ ଓ ପେଷ୍ଟ- | ଟ | ୪୨.୦୦ |
| କଲମ- | ଟ | ୫.୦୦ |
| ଔଷଧ- | ଟ | ୧୨.୦୦ |
| ଜଳଖିଆ- | ଟ | ୮.୦୦ |
| ମୋଟ | ଟ | ୬୭.୦୦ |

| | | |
|---|---|---|
| | ଟ | ୨୦୦ |
| | ଟ | ୬୭ |
| ମୋ ପାଖରେ ଅଛି ଟ | | ୧୩୩ |

**ତୁମ ପାଇଁ କାମ**



ତୁମର ପ୍ରତିଦିନ ଖର୍ଚ୍ଚକୁ ଏହିଭଳି ଟିପିରଖ। ମାସ ଶେଷରେ ସେଗୁଡିକୁ ଦେଖ। ଅଦରକାରୀ ଖର୍ଚ୍ଚକୁ ବାଦ୍ ଦେବାକୁ ଚେଷ୍ଟାକର। ଯେତିକି ଆବଶ୍ୟକ ସେତିକି ଖର୍ଚ୍ଚକର। ଏହାଦ୍ୱାରା ତୁମେ ସଞ୍ଚୟ କରିପାରିବ।